ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ


# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 05-12-2023

ନୟାଗଡ଼(ଓଡିଶା) - :2023-12-05 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2023-12-06 | 2023-12-07 | 2023-12-08 | 2023-12-09 | 2023-12-10 |
|---|---|---|---|---|---|
| ବର୍ଷା (ମିମି) | 12.0 | 12.0 | 3.0 | 1.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 29.0 | 29.0 | 30.0 | 30.0 | 30.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 21.0 | 21.0 | 20.0 | 18.0 | 17.8 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 95 | 93 | 96 | 95 | 91 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 63 | 81 | 82 | 64 | 59 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7 | 7 | 5 | 4 | 3 |
| ପବନର ଦିଗ (ଡିଗ୍ରୀ) | 58 | 66 | 71 | 72 | 206 |
| ମେଘାଚ୍ଛନ (ଅକ୍ଟା) | 6 | 6 | 5 | 4 | 2 |

## ପାଣିପାଗ ସାରାଂଶ/ସତର୍କ:

ଜିଲ୍ଲା ରେ ଆଗାମୀ ୫ ଦିନ (ବୁଧବାର ରୁ ରବିବାର) ମଧ୍ୟରେ ଅତି କମ ରୁ କମ ବର୍ଷା ହେବାର ସମ୍ଭାବନା ଅଛି। ଦିନର ହାରାହାରି ସାର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯-୩୦ ଡିଗ୍ରୀ ସି. ଏବଂ ୧୭-୨୧ ଡିଗ୍ରୀ ସି. ରହିବାର ଅନୁମାନ କରାଯାଉଛି। ଦିନର ହାରାହାରି ସାର୍ବୋଚ୍ଚ ଓ ସର୍ବନିମ୍ନ ଆଦ୍ରତା ଯଥାକ୍ରମେ ୯୧-୯୬ % ଓ ୫୯-୮୨ % ହେବାର ଅନୁମାନ କରାଯାଉଛି। ପବନର ବେଗ ୩-୭ କିମି/ଘ ରହିପାରେ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ଆଂଶିକ ମେଘୁଆ ରହିବାର ସମ୍ଭାବନା ଅଛି।

## ସାଧାରଣ ଉପଦେଶ:

ବଙ୍ଗୋପ ସାଗରରେ ସକ୍ରିୟ ଥିବା ଭୀଷଣ ବାତ୍ୟା ‘Michaung’ କାରଣରୁ ଜିଲ୍ଲାର କେତେକ ସ୍ଥାନରେ ଅତି କମ ରୁ କମ ବର୍ଷା କିମ୍ବା ବିଜୁଳି ସହ ବର୍ଷା ହେବାର ସମ୍ଭାବନା ଅଛି। ବର୍ଷା ହେଉଥିବା ସମୟରେ ସାମୟିକ ଭାବେ କୀଟନାଶକ ଔଷଧ ସିଂଚନ ଏବଂ ଘାସମରା ପ୍ରୟୋଗ ବନ୍ଦ କରନ୍ତୁ। ପନିପରିବା ଫସଲରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ବଙ୍ଗୋପ ସାଗରରେ ସକ୍ରିୟ ଥିବା ଭୀଷଣ ବାତ୍ୟା ‘Michaung’ କାରଣରୁ ଜିଲ୍ଲାର କେତେକ ସ୍ଥାନରେ ଅତି କମ ରୁ କମ ବର୍ଷା କିମ୍ବା ବିଜୁଳି ସହ ବର୍ଷା ହେବାର ସମ୍ଭାବନା ଅଛି।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ପୂର୍ବରୁ କଟା ଯାଇଥିବା ଧାନ କିମ୍ବା ଅମଳ ହୋଇ ସାରିଥିବା ଧାନକୁ ତୁରନ୍ତ ନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ। |
| ଧାନ | ସମସ୍ତ କଟା ଧାନ ଅମଳ ସମ୍ଭବ ନ ହେଲେ ପଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ। |
| ଧାନ | ଧାନ ଫସଲରେ ବଳକା ପାଣି ବାହାରି ଯିବା ପାଇଁ ଆଗତୁରା ନାଳୀ କରନ୍ତୁ ଓ ନାଳୀ ମୁହଁ ଖୋଲା ରଖନ୍ତୁ । |
| ଧାନ | ଧାନ ଫସଲରେ ବିରିହା (ହିସ୍ପା) ପୋକ ଦେଖା ଦେଉଥିଲେ ଏହାର ଦମନ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରା Emamectin benzoate ମିଶାଇ ପତ୍ର ସିଂଚନ କରନ୍ତୁ। |
| ମସୁର/ ହରଡ଼ | ହରଡ ଫସଲରେ ପତ୍ର ପୋଡା ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ ଗ୍ରା Chlorothalonil ମିଶାଇ ପତ୍ର ସିଂଚନ କରନ୍ତୁ। |
| ମସୁର/ ହରଡ଼ | ହରଡ ଫସଲରେ ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୮୦ ମିଲି Chlorantraniliprole ମିଶାଇ ପତ୍ର ସିଂଚନ କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ବାଇଗଣ ଫସଲରେ ଝାଉଂଳା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରା Copper oxychloride 50 WP ଓ ୦.୧ ଗ୍ରା Streptocyclin ମିଶାଇ ଗଛର ମୂଳରେ ପ୍ରୟୋଗ କରନ୍ତୁ। |
| ବାଇଗଣ | ବାଇଗଣ ଫସଲରେ କଙ୍କେଡିଆ ପୋକ (Epilachna beetle) ର ପରିଚାଳନା ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୬୦ ଗ୍ରା Emmamectin benzoate 5 SG ମିଶାଇ ସିଂଚନ କରନ୍ତୁ। |
| ବାଇଗଣ | ବାଇଗଣ ଫସଲରେ ଫଳ ପୋଚା ରୋଗର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୩୦୦ ଗ୍ରା Thiophenate methyl ମିଶାଇ ସିଂଚନ କରନ୍ତୁ। |
| ಮೆಣಸಿನಕಾಯಿ | ଲଙ୍କା ଫସଲରେ ପତ୍ର ମୋଚାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୧୦-୧୫ ଦିନ ବ୍ୟବଧାନରେ ୪୦୦ ମିଲି Propargite 57 EC ଏବଂ ୪୦୦ ମିଲି Fipronil 5% SC ଅଦଳ ବଦଳ କରି ମିଶାଇ ପତ୍ର ସିଂଚନ କରନ୍ତୁ। |
| ଲଙ୍କା | ଲଙ୍କା ଫସଲରେ ପତ୍ର ମୋଚାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୧୦-୧୫ ଦିନ ବ୍ୟବଧାନରେ ୪୦୦ ମିଲି Propargite 57 EC ଏବଂ ୪୦୦ ମିଲି Fipronil 5% SC ଅଦଳ ବଦଳ କରି ମିଶାଇ ପତ୍ର ସିଂଚନ କରନ୍ତୁ। |
| କଲରା | ବର୍ତ୍ତମାନ କଲରା ଏବଂ କାକୁଡି ଫସଲରେ ନିମ୍ନମୁଖୀପତ୍ରପୋଡା ରୋଗ ଦେଖା ଯାଉଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକର ପିଛା ପ୍ରତି ୨୦୦ ଲିଟର ପାଣିରେ ୪୦୦ ଗ୍ରା (Metalaxyl-m 4 % + Mancozeb 64 %) ମିଶାଇ ପତ୍ର ସିଂଚନ କରନ୍ତୁ। |
| କାକୁଡି | କାକୁଡିରେ ଭୂତାଣୁ ଜନିତ ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମେ ଆକ୍ରାନ୍ତ ଗଛକୁ ଉପାଡି ନଷ୍ଟ କରି ଦିଅନ୍ତୁ। ଏହା ପରେ ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ ମିଲି Tolfenpyrad ମିଶାଇ ପତ୍ର ସିଂଚନ କରନ୍ତୁ। |
| କାଓପିଇ | ଝୁଡଙ୍ଗ ଫସଲରେ ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ ଗ୍ରା (Emamectin benzoate + Nuvaluron) କିମ୍ବା ୮୦ ମିଲି Flubendiamide 39.35 SC ମିଶାଇ ପତ୍ର ସିଂଚନ କରନ୍ତୁ। |
| ମୁଷରୁମ | ଛତୁ ବେଡରେ ମାଛି କିମ୍ବା ଏହାର ଶୁକ ଦେଖା ଦେଲେ, ପ୍ରତି ଲିଟର ପାଣିରେ ୧-୧.୫ ମିଲି Dichlorovos କିମ୍ବା ୧.୫-୨ ମିଲି Malathion ମିଶାଇ ବେଡର ଚାରି ପାଖରେ ସିଂଚନ କରନ୍ତୁ ଏବଂ ଛତୁ ଗୃହକୁ ଗୋଟିଏ ଦିନ ପାଇଁ ବନ୍ଦ ରଖନ୍ତୁ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଗାଈ ଗୋରୁ ଓ ଗୃହପାଳିତ ପଶୁମାନଙ୍କୁ ଘରେ ରଖନ୍ତୁ ଓ ସେମାନଙ୍କ ପାଇଁ ଆସନ୍ତା ୩-୫ ଦିନ ପାଇଁ ଖାଦ୍ୟ ସଂଗ୍ରହ କରି ରଖନ୍ତୁ। |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଇଣ୍ଡିଆନ ମଜର କାର୍ପ | ଛୋଟ ପୋଖରୀରେ ଯାଂଳ ଉତ୍ପାଦନ ପାଇଁ ପ୍ରତି ଏକର କୁ ୫୦,୦୦୦ ମାଛ ଯାଂଳ ଛାଡନ୍ତୁ। |
| କମନ କାର୍ପ | ପୋଖରୀରେ ମିରିକାଳି ଏବଂ କମନ କାର୍ପ ବଦଳରେ ଏକରକୁ ୫୦୦୦ ଚିଙ୍ଗୁଡି ଯାଁଳ ଛାଡନ୍ତୁ। |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | କୁକୁଡା ବସନ୍ତ ରୋଗରୁ ରକ୍ଷା ପାଇବା ନିମନ୍ତେ କୁକୁଡାମାନଙ୍କୁ ୬ ସପ୍ତାହ ମଧ୍ୟରେ ବସନ୍ତ ଟୀକା ୦.୨ ମିଲି ଡେଣା ତଳେ କିମ୍ବା ମାଂସ ପେଶୀରେ ଦିଅନ୍ତୁ। |
| ଚିଚକ | କୁକୁଡାମାନଙ୍କୁ କୃମୀନାଶକ ଔଷଧ ପ୍ରତି ୨-୩ ମାସ ବ୍ୟବଧାନରେ ଥରେ ଦେବା ଦରକାର। |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଅଗ୍ରିଲ ଇଂଗିନୀରିଙ୍ଗ | ଶକ୍ତି ଚାଳିତ ଘାସ ବଛା ଯନ୍ତ୍ର ସାହାଯ୍ୟରେ ଏକ ଧାଡିରେ ୩୩-୧୨୦ ସେମି ପର୍ଯ୍ୟନ୍ତ ଲଗାଯାଇଥିବା ସମସ୍ତ ଫସଲରେ ଘାସ ବଛା କାର୍ଯ୍ୟ କରାଯାଇପାରିବ। ଏହି ଯନ୍ତ୍ରଟିରେ ବ୍ୟବଧାନକୁ କମ ବେସୀ କରିବା ପାଇଁ ସୁବିଧା ରହିଥାଏ। ଏଥିରେ ଘଣ୍ଟାକୁ ଦେଢ ଲିଟର ଇନ୍ଧନ ଖର୍ଚ୍ଚ ହୁଏ। |